**ମହାମାୟୀଙ୍କ ବାର୍ଷିକ ଉତ୍ସବ**

ବଁଅରପାଳ, (ସୁବାସ ସାହୁ): ବଁଅରପାଳ ବ୍ଲକ କୁଲାଡ଼ ଗ୍ରାମରେ ୧୪ ବର୍ଷ ତଳେ ସ୍ଥାପନା ହୋଇଥିବା ମା' ମହାମାୟୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରତିବର୍ଷ ମା'ଙ୍କ ବାର୍ଷିକ ଉଦ୍‌ଯାପନୀ ଉତ୍ସବ ପାଳନ କରାଯିବାର ୭ ଦିନ ପରେ ଶିତୁଳା ଉତ୍ସବ ପାଳନ କରାଯାଏ। ଚଳିତବର୍ଷ ମଧ ମା'ଙ୍କ ବାର୍ଷିକ ଉଦଯାପନୀ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି ଉତ୍ସବରେ ଜିଲାର ବିଭିନ୍ନ ଅଞ୍ଚଳରୁ ମାନସିକଧାରୀ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଗ୍ରାମବାସୀ ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ।



# ଶିକ୍ଷକ ଆସୁଛନ୍ତି, ଛାତ୍ରୀଛାତ୍ର ଆସୁନାହାନ୍ତି

**ବଳରାମପୁର ହାଇସ୍କୁଲରେ ଅଜବ ସ୍ଥିତି**





ଢେଙ୍କାନାଳ,୩୦।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜିକୁ ୩ ଦିନ ହେବ ଅଜବ ସ୍ଥିତି ଦେଖିବାକୁ ମିଳିଛି। ଆବଶ୍ୟକ ଶିକ୍ଷକ ନ ଥିବା ଯୋଗୁ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଆସୁ ନ ଥିବା ବେଳେ ଯେତିକି ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି, ସେମାନେ ବିଦ୍ୟାଳୟକୁ ଆସି ଫେରୁଛନ୍ତି । ଫଳରେ ବଳରାମପୁର ସରକାରୀ ହାଇସ୍କୁଲରେ ପାଠପଢା ବ୍ୟାଘାତ ହୋଇଛି । ୬।୭।୧୯୬୧ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ୫ଟି ଶ୍ରେଣୀରେ ୧୮୯ ଛାତ୍ରୀଛାତ୍ର ଅଛନ୍ତି । ୧୮୯ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟରେ ରହିଛନ୍ତ ମାତ୍ର ୫ଜଣ ଶିକ୍ଷକ । ଗଣିତ, ବିଜ୍ଞାନ, ହିନ୍ଦି ଓ ସଂସ୍କୃତ ଭଳି ଜରୁରୀ ବିଷୟଗୁଡିକରେ ଶିକ୍ଷକ ନ ଥିବାରୁ ଆଜିକୁ ଦୀର୍ଘଦିନ ଧରି ପାଠପଢା ବାଧାପ୍ରାପ୍ତ ହେଉଛି ବୋଲି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ବହୁବାର ଦାବି କରାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ପାଠପଢା ବାଧାପ୍ରାପ୍ତ ଯୋଗୁ ଚଳିତ ଶିକ୍ଷାବର୍ଷରେ ଅଧା କୋର୍ସ ବର୍ତ୍ତମାନ ସୁଦ୍ଧା ସରି ନ ଥିବା ଛାତ୍ରୀଛାତ୍ରମାନଙ୍କ ଅଭିଯୋଗରୁ ଜଣାପଡିଛି । ଆଗକୁ ପରୀକ୍ଷା ଆସୁଥିବା ବେଳେ ବିଦ୍ୟାଳୟରେ ଶିକ୍ଷକ ମରୁଡି ପିଲାଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି । ପିଲାମାନେ ବିଦ୍ୟାଳୟକୁ ନ ଆସି ଘରେ ରହି ପାଠ ପଢୁଥିବା ଜଣାପଡିଛି । ବିଦ୍ୟାଳୟରେ ୨୦୧୬ରୁ ହିନ୍ଦି ଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ନଥିବା ବେଳେ ୨୦୨୨ରୁ ସଂସ୍କୃତ ଶିକ୍ଷକ ନାହାନ୍ତି। ଗତ ମାସରେ ଗଣିତ ଓ ବିଜ୍ଞାନ ଶିକ୍ଷକ ଗଜପତି ଜିଲାକୁ ବଦଳି ହୋଇଯାଇଛନ୍ତି। ଫଳରେ ବିଦ୍ୟାଳୟରେ ପାଠପଢା ଠପ୍ ହୋଇଯାଇଛି । ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗୁଲୁ ଚରଣ ବେହେରା କୁହନ୍ତି ଯେ, ବିଦ୍ୟାଳୟରେ ଗଣିତ, ହିନ୍ଦୀ, ବିଜ୍ଞାନ, ସଂସ୍କୃତି ଓ କ୍ରୀଡା ଶିକ୍ଷକଙ୍କ ଅଭାବ ରହିଛି । ଦୀର୍ଘଦିନ ଧରି ଶିକ୍ଷକ ଅଭାବ ରହିବା ଯୋଗୁ ଅଭିଭାବକ, ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଅଭାବ ଯୋଗୁ ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହୋଇଥିବାରୁ ଅଭିଭାବକମାନେ ଛାଡୁନାହାନ୍ତି । ବର୍ତ୍ତମାନ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୫ଜଣ ଶିକ୍ଷକ ଅଛନ୍ତି । ବିଦ୍ୟାଳୟରେ ଆଉ ୫ଜଣ ଶିକ୍ଷକ ନିହାତି ଦରକାର । କାରଣ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ମିଟିଂ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ପଡୁଛି । ତେଣୁ ଶିକ୍ଷକ ଅଭାବ ଯୋଗୁ ପାଠପଢା ଠିକ୍‌ରେ ହେଉନି ବୋଲି ପ୍ରଧାନ ଶିକ୍ଷକ କୁହନ୍ତି । ଏ ସଂକ୍ରାନ୍ତରେ ବଳରାମପୁର ସରପଞ୍ଚ ଅଭିରାମ ଦଳେଇ କୁହନ୍ତି ଯେ, ଅଧିକାଂଶ ସମୟରେ ଏହି ସମୟରେ ଆମେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛୁ। ବହୁବାର ଚେଷ୍ଟା କରିବା ପରେ ମଧ ଆମ ବିଦ୍ୟାଳୟକୁ ଶିକ୍ଷକ ଦିଆଗଲାନାହିଁ। ବରଂ ଦୁଇଜଣ ଶିକ୍ଷକଙ୍କୁ ବଦଳି କରି ନେଇଗଲେ ବୋଲି ସରପଞ୍ଚ କୁହନ୍ତି । ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ କୁହନ୍ତି ଯେ, ବିଦ୍ୟାଳୟର ଦୁଇଜଣ ଶିକ୍ଷକ ସ୍ୱାଉସ୍ ଗ୍ରାଉଣ୍ଡରେ ବଦଳି ହୋଇ ପଳାଇଛନ୍ତି। ଫଳରେ ସ୍କୁଲରେ ଟ୍ରେନ୍ଡ ଗ୍ରାଜୁଏଟ୍ ଶିକ୍ଷକ ନ ଥିଲେ। ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଫାଇଲ ଦିଆଯାଇଛି । ଫାଇଲରେ ଦିଆଯାଇଥିବା ପ୍ରସ୍ତାବ ଅନୁମୋଦିତ ହୋଇ ଆସିଲେ ସମସ୍ୟା ସମାଧାନ ହେବ ବୋଲି କହିଥିଲେ।

## ଢେଙ୍କାନାଳ ସହରରେ ଲାଗିବ ୧୦୦ ସିସି କ୍ୟାମେରା

ଢେଙ୍କାନାଳ,୩୦।୧୧ (ରତନ ନାୟାର)

ଢେଙ୍କାନାଳ ସହରରେ ପୋଲିସ ପ୍ରଶାସନ ପକ୍ଷରୁ ୧୦୦ସିସିଟିଭି କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଶନିବାର ଏସ୍‌ପି ଅଭିନବ ସୋନକର ସୂଚନା ଦେଇଛନ୍ତି । ଟ୍ରାଫିକ ନିୟନ୍ତ୍ରଣ, ଗାଡି ଚୋରି, ବିଭିନ୍ନ ପ୍ରକାର ଅପରାଧର ଅପରାଧୀମାନଙ୍କୁ ଚିହ୍ନଟ କରିବା ଏବଂ ଅପରାଧ ସମ୍ପର୍କରେ ତଥ୍ୟ ପାଇବା ଆଦିକୁ ନେଇ ଏହି ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ହେବ ବୋଲି ଏସ୍‌ପିଙ୍କ ସୂତ୍ରରୁ ଜଣାପଡିଛି । ଆସନ୍ତାବର୍ଷ ଜାନୁଆରୀ ମାସ ସୁଦ୍ଧା ସହରର ସମସ୍ତ ଅଞ୍ଚଳରେ ସିସିଟିଭି କ୍ୟାମେରା ଲାଗି ଯାଇଥିବ ବୋଲି ଏସ୍‌ପି କୁହନ୍ତି । ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ୪୦ଟି କ୍ୟାମେରା ଲାଗିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସେହିପରି ଆଗକୁ ନୂତନବର୍ଷ ଆସୁଥିବାରୁ ଏହି ଉପଲକ୍ଷେ ବଣଭୋଜି ଏବଂ ପିକନିକ ପାଇଁ ଜିଲାର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ବ୍ୟାପକ ଭାବେ ସମାଗମ ହେବା ଦୃଷ୍ଟିରେ ରଖି ସମସ୍ତ ପର୍ଯ୍ୟଟନ ସ୍ଥାନମାନଙ୍କରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହିତ ପୋଲିସ ମୁତୟନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ଢେଙ୍କାନାଳ,୩୦।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟଠାରେ ଶନିବାର ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଯୋରନ୍ଦା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୯ଦଫା ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ଯୋରନ୍ଦା ଶିବ ମନ୍ଦିରଠାରେ ସଂଘର ଏକ ବୈଠକ ସଭାପତି ଶିକ୍ଷାବିତ ଡମ୍ବରୁଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ରାଜ୍ୟ ସଂଘର ସମସ୍ତ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ କେନ୍ଦ୍ର ଅନୁରୂପ ଚିକିତ୍ସାଭତ୍ତା ପ୍ରଦାନ, ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟସେବା ଦାବିକୁ ସରକାର ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା, ରାଜ୍ୟ ସଂଘର ସମସ୍ତ ଦାବିକୁ ସରକାର ସହୃଦୟତାର ସହ ବିଚାର କରିବା, ଉଚ୍ଛେଦ ହୋଇଥିବା ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗକୁ ପୁନଃ ସ୍ଥାପନ କରାଯିବା ଆଦି ଦାବି ଅନ୍ତର୍ଭୁକ୍ତ । ଗଁଦିଆ ବିଡିଓଙ୍କ କାର୍ଯ୍ୟାଳୟରେ ସଂଘର ସଭାପତି ଡମ୍ବରୁଧର ବେହେରା, ସମ୍ପାଦକ ମୁରଲିଧର ତ୍ରିପାଠୀ, ବରିଷ୍ଠ ସଭ୍ୟ ରବି ନାରାୟଣ ରାଉଳ, ମଙ୍ଗୁଳି ଚରଣ ବିଶ୍ୱାଳ, ନେତ୍ରାନନ୍ଦ ରାଉତ, ଶରତ କୁମାର ରାଉତ, ଅନ୍ନଦା ଶଙ୍କର ପତି, ପ୍ରାଣବନ୍ଧୁ ନାୟକ, ବିରଞ୍ଚି ନାରାୟଣ ନାୟକ, ମାୟାଧର ତରାଇ ଓ ସୁବାସଚନ୍ଦ୍ର ମହାନ୍ତି ପ୍ରମୁଖ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ମହିଳା ହିଂସା ବିରୋଧୀ ସଚେତନତା




ଢେଙ୍କାନାଳ, ୩୦।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ପ୍ରଶାସନ ଓ 'ସଖୀ' ପକ୍ଷରୁ ଆୟୋଜିତ ୧୬ଦିନିଆ ମହିଳା ହିଂସା ବିରୋଧୀ ସଚେତନତା କାର୍ଯ୍ୟକ୍ରମର ଷଷ୍ଠ ଦିବସରେ ଶିବପୁର ଗ୍ରାମର ମା' ଲଙ୍ଗବାଉତି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗଗତ ଅସମାନତା ଓ ହିଂସାକୁ ଦୂର କରିବା ସହ ସମାଜରେ ସଚେତନତା ଆଣିବା ପାଇଁ ପ୍ରୟାସ ଜାରିରହିଛି। ମୁଖ୍ୟ ଅତିଥି ଭାବେ ଡିଏସପି ସୁଷମା ପ୍ରଧାନ ମହିଳା ହିଂସାର ଅସୁବିଧା ଓ ଏହାର ନିରାକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ତାଲିମଦାତା ପ୍ରଶାନ୍ତ କୁମାର ଦାସ ଲିଙ୍ଗଗତ ହିଂସା, ସମାଜରେ ଏହାର କୁପ୍ରଭାବ, ଏବଂ ଏହାକୁ ଦୂର କରିବାର ଉପାୟ ଉପରେ ଗଭୀର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମୂହିକ ଶପଥପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଦୟେନ୍ଦୁ ମିଶ୍ର, ନିର୍ଦ୍ଦେଶକ, ଶୋଭା ଓ ନଭ ଲିମିଟେଡ ସିଏସଆର ମୁଖ୍ୟ ରାଧେଶ୍ୟାମ ସିଂ ଯୋଗଦେଇଥିଲେ ଏବଂ ସଖୀର କେସ୍ ୱାର୍କର ମୋନାଲିସା ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଖୀର ସାସ୍ଥ୍ୟ ସହାୟିକା ସ୍ୱାଗତିକା ସାହୁ ଏବଂ କାଉନସେଲର ଯାଜ୍ଞସେନୀ ନାଏକ ପରିଚାଳନା କରିଥିଲେ।

## ନବ କମ୍ପାନୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଢେଙ୍କାନାଳ,୩୦।୧୧ (ରତନ ନାୟାର)




ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ସ୍ଥିତ ନବ ଲିମିଟେଡ୍ କମ୍ପାନୀ ପକ୍ଷରୁ ଶନିବାର ଶିବପୁର ଗ୍ରାମସ୍ଥିତ ମା' ଲଙ୍ଗବାଉତୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ନବ ଲିମିଟେଡ୍ କମ୍ପାନୀର ଉପସଭାପତି ରିୟର ଆଡମିରାଲ ଭି. ରାଜାଶେଖର, ଡିଏସ୍‌ପି ସୁଷମା ପ୍ରଧାନ, ସିଏସ୍‌ଆର ମୁଖ୍ୟ ରାଧେଶ୍ୟାମ ସିଂ, ଏଚଆର ମୁଖ୍ୟ ସଞ୍ଜିବ ପୃଷ୍ଟି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ଦାସ ଓ ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ପ୍ରମୁଖ ଉଦଘାଟନୀ ଉତ୍ସବରେ ଯୋଗଦେଇଥିଲେ । ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନବ ଲିମିଟେଡ ଉପସଭାପତି ଲୋକମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ସହ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଶିବିରରେ ପଞ୍ଚାୟତର ୩୩୬ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା । ଶିବିରରେ ୪୯ଜଣଙ୍କର ରକ୍ତ ଶର୍କରା, ରକ୍ତଚାପ, ହିମୋଗ୍ଲୋବିନ, ବ୍ଲଡ ଗ୍ରୁପିଙ୍ଗ୍, ମ୍ୟାଲେରିଆ ଆଦି ପରୀକ୍ଷା କରାଯାଇଥିଲା । ସ୍ତ୍ରୀ ରୋଗ, ଶିଶୁ ଚିକିତ୍ସା, ଭେଷଜ, ହୋମିଓପାଥି ଓ ଚକ୍ଷୁ ବିଭାଗର ସ୍ୱାସ୍ଥ୍ୟ ବିଶେଷଜ୍ଞ, ଫାର୍ମାସିଷ୍ଟ ଓ ଲାବ ଟେକନିସିଆନମାନେ ସେବା ପ୍ରଦାନ କରିଥିଲେ । ୯୦ଜଣ ସ୍ତ୍ରୀ ରୋଗୀ, ୬ଜଣ ଶିଶୁ, ୧୦୫ଜଣ ଭେଷଜ, ୫୩ଜଣ ହୋମିଓପାଥି ଓ ୬୨ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ଚଷମା ମାଗଣାରେ ବଣ୍ଟନ କରାଯାଇଥିଲା ।

## ଏକଦିବସୀୟ ବିଜ୍ଞାନମେଳା

ଢେଙ୍କାନାଳ,୩୦।୧୧ (ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ବନମାଳୀ ପ୍ରସାଦ ସ୍ଥିତ ସତ୍ୟମ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକ ଦିବସୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନମନସ୍କ ହେବାସହ ଦେଶ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ବିଜ୍ଞାନ ପ୍ରକଳ୍ପଗୁଡିକ ଲୋକାଭିମୁଖୀ ହୋଇ ସମାଜ କଲ୍ୟାଣରେ ଲାଗିବା ଦରକାର ବୋଲି ସେ ଦୃଢମତ ପୋଷଣ କରିଥିଲେ । ବିଜ୍ଞାନ ଭିତରେ ଲୁଚି ରହିଥିବା ବୈଜ୍ଞାନିକ ତତ୍ତ୍ୱକୁ ଜାଣିପାରିଲେ, ତାହା ସହଜରେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବ ଓ ସମାଜ କଲ୍ୟାଣରେ ଲାଗିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ପ୍ରକଳ୍ପକୁ ବୁଲି ଦେଖିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ବିରେନ୍ଦ୍ର କୁମାର ସାହୁ, ପ୍ରଧାନ ଶିକ୍ଷକ ସ୍ୱାଗତିକା ବାରିକ ଓ ବିଦ୍ୟାଳୟର ମୁଖ୍ୟ ପ୍ରଶାସକ ରଘୁନାଥ ପ୍ରସାଦ ମିଶ୍ର ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଏହି ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁମ୍ନ ଶତପଥୀ, ସୌମ୍ୟରଞ୍ଜନ ସାହୁ ଓ ରାଧିକା ବିନାନୀ ସହଯୋଗ କରିଥିଲେ । ପ୍ରଥମରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ବିଜ୍ଞାନ ମେଳା ଉଦଯାପିତ ହୋଇଥିଲା ।



ଏକଦିବସୀୟ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ।

## ପୋଲିସ ପରିବାର ବାସନ୍ଦ ଘଟଣା
## ୨ ଦିନ ମଧ୍ୟରେ ସମାଧାନ ହେବ: ଏସ୍‌ପି

ଢେଙ୍କାନାଳ,୩୦।୧୧ (ରତନ ନାୟାର/ରାଜକୁମାର ପ୍ରଧାନ)

ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଭାପୁର ଫାଣ୍ଡି ଅଧୀନ ଅଉଖମା ଗ୍ରାମରେ ଜଣେ ପୋଲିସ୍ ଅଧିକାରୀଙ୍କ ପରିବାର ଗ୍ରାମରେ ବାସନ୍ଦର ଶିକାର ହୋଇଛନ୍ତି। ଏ ନେଇ ସେମାନେ ଗ୍ରାମ କମିଟି ନିଷ୍ପତ୍ତି ବିରୋଧରେ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ଅଧିକାରୀଙ୍କ ପରିବାର ରାସ୍ତାକୁ ମାଡ଼ି ବେଆଇନ ଭାବେ ନିର୍ମାଣ କରିଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ପି ଅଭିନବ ସୋନକର କହିଛନ୍ତି ଯେ, ଗାଁ ଲୋକ ଓ ଅତିରିକ୍ତ ଏସ୍‌ପିଙ୍କ ପରିବାର ମଧ୍ୟରେ ବହୁ ଦିନରୁ ବିବାଦ ରହିଛି । ପୂର୍ବରୁ ଉଭୟଙ୍କୁ ବୁଝାଇବା ପାଇଁ ଚେଷ୍ଟା କରାଯାଇଛି। କିଛିଦିନ ତଳେ ଗାଁ ଲୋକ ଆସି ଏ ନେଇ ଅଭିଯୋଗ ଦେଇଥିଲେ। ଆମେ ସେମାନଙ୍କୁ କହିଛୁ, ଦୁଇଦିନ ମଧ୍ୟରେ ଏକ ବୈଠକ ଆୟୋଜନ କରି ଏହାର ସମାଧାନ କରାଯିବ।

ସୂଚନା ଅନୁଯାୟୀ, ଅଉଖମା ଗ୍ରାମ ଉପରସାହିର ସୁରେଶ କୁମାର ବେହେରାଙ୍କ ଘର। ତାଙ୍କ ଭାଇ ଜଣେ ପୋଲିସ ଅଧିକାରୀ। ସେମାନେ ରାସ୍ତାକୁ ମାଡ଼ି ଘର କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ୨୦୨୩ ସେପ୍ଟେମ୍ବରରେ ଗ୍ରାମ୍ୟ କମିଟି ବୈଠକରେ ରାସ୍ତାକୁ ମାଡ଼ି କରାଯାଇଥିବା ବେଆଇନ ନିର୍ମାଣକୁ ଭାଙ୍ଗିବା ଲାଗି ନିଷ୍ପତ୍ତି ହୋଇଥିଲା। ପରେ ସୁରେଶ ବେଆଇନ ନିର୍ମାଣକୁ ଭାଙ୍ଗି ୨ ଫୁଟ ସ୍ଥାନରେ ଫୁଲଗଛ ଲଗାଇଥିଲେ। ଏହାର ଦୁଇମାସ ପରେ ଗ୍ରାମବାସୀ ସେହି ସ୍ଥାନକୁ ଭାଙ୍ଗିବାକୁ ପୁଣି ଚାପ ପକାଇଥିଲେ। ତେବେ ମାପଚୁପରେ ବିଳମ୍ବ ହେବାରୁ ପୁଣି ଗ୍ରାମ କମିଟି ବୈଠକ ଡକାଯାଇ ବେହେରାଙ୍କ ପରିବାରକୁ ସାମାଜିକ ଚଳଣିରୁ ବାସନ୍ଦ କରାଯାଇଥିଲା। ପୋଲିସ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିବା ସହିତ ବେହେରାଙ୍କ ପରିବାରକୁ ବାସନ୍ଦମୁକ୍ତ କରିବା ଲାଗି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ତେବେ ତହସିଲ ପକ୍ଷରୁ ମାପ ହୋଇଥିଲେ ମଧ ଗ୍ରାମବାସୀ ତାହାକୁ ମାନି ନଥିଲେ। ତେଣୁ ବେହେରାଙ୍କ ପରିବାର ସଦସ୍ୟଙ୍କୁ ଗ୍ରାମର କିଛି ବ୍ୟକ୍ତି ଗାଳିଗୁଲଜ କରୁଥିବା ବେହେରା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି କହିଛନ୍ତି, ଗ୍ରାମର ଯେଉଁ ବ୍ୟକ୍ତିମାନେ ଜମି ଦଖଲ କରିଥିଲେ ସେମାନେ ଛାଡ଼ି ଦେଇଥିବା ବେଳେ ବେହେରାଙ୍କ ପରିବାର ବିଭିନ୍ନ ଆଳ ଦେଖାଇ ଛାଡ଼ି ନଥିବା ବେଳେ ଓଲଟି ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଗ୍ରାମ ସଭାପତି ସରୋଜ କୁମାର ମହାପାତ୍ର କହିଛନ୍ତି ଯେ, ଗ୍ରାମବାସୀଙ୍କ ନିଷ୍ପତ୍ତି ବିରୋଧରେ ଓ ନିଜ ପରିବାରର ଜଣେ ପୋଲିସ ଅଧିକାରୀଙ୍କ ଭୟ ଦେଖାଇବାକୁ ଗ୍ରାମବାସୀ ସେମାନଙ୍କ ସହିତ ଚଳି ପାରୁନାହାନ୍ତି। ଏହାର ସମାଧାନ ପାଇଁ ଆମେ ଜିଲାପାଳ ଓ ଏସପିଙ୍କୁ ଭେଟିଛୁ। ଫାଣ୍ଡି ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ କହିଛନ୍ତି, ସୁରେଶ ବେହେରାଙ୍କ ପରିବାର ପକ୍ଷରୁ ମାର୍ଚ୍ଚ ଓ ସେପ୍ଟେମ୍ବର ମାସରେ ୨ଟି ମାମଲା ରୁଜୁ ହୋଇଥିଲା। ପ୍ରଥମଟିର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଦ୍ୱିତୀୟଟିର ତଦନ୍ତ ଚାଲିଛି।

## ହାଇୱା ଧକ୍କାରେ ଶ୍ରମିକ ମୃତ

ଢେଙ୍କାନାଳ,୩୦।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ୫୫ନଂ ଜାତୀୟ ରାଜପଥର ପଞ୍ଚୁପଟୀ ନିକଟରେ ଶନିବାର ସକାଳ ୬ଟାରେ ଏକ ହାଇୱା ଧକ୍କାରେ ଅମିତ ମାଛୁଆ (୪୩) ନାମକ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ସେ ନିଜର କାମସାରି ଚାଲିଚାଲି ନିଜ ବାସସ୍ଥାନକୁ ଆସୁଥିବା ବେଳେ ହାଇୱାଟି ତାଙ୍କୁ ଧକ୍କାଦେଇ ପଳାଇଥିଲା । ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଜାରି ରଖିଛନ୍ତି । ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ-୯୨୨/୨୪ରେ ମାମଲା ରୁଜୁ କରାଯାଇଛି । ମୃତ ଶ୍ରମିକଙ୍କ ଘର ଝାଡଖଣ୍ଡ ରାଜ୍ୟ ପଶ୍ଚିମ ସିଙ୍ଗ୍‌ଭୂମ ଅଞ୍ଚଳରେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

## ଜିଲାସ୍ତରୀୟ କ୍ରିକେଟରେ କୃତୀ ଖେଳାଳିଙ୍କୁ ଶୁଭେଚ୍ଛା



ଭୁବନ, ୩୦।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଶ୍ରେୟାଂଶୁ ସତ୍ୟପ୍ରଜ୍ଞ ପତିଙ୍କୁ ଶନିବାର ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ଶ୍ରେୟାଂଶୁ ବିଦ୍ୟାଳୟସ୍ତରରୁ କ୍ରିକେଟ ଖେଳି ଜିଲାସ୍ତରରେ କୃତିତ୍ୱ ହାସଲ କରି ୧୭ ବର୍ଷ କମ କ୍ରିକେଟ ପାଇଁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ତାଙ୍କ ଖେଳ ପାଇଁ ଢେଙ୍କାନାଳ ଜିଲା ରାଜ୍ୟସ୍ତରୀୟ ଖେଳ ପାଇଁ ମନୋନୀତ ହୋଇଛି। ସେ ଭୁବନ ଏନଏସି ୧ନଂ ୱାର୍ଡର ସ୍ୱର୍ଗତ ଜ୍ଞାନରଞ୍ଜନ ପତି ଓ ମାତା ରତ୍ନପ୍ରଭା ଦାସଙ୍କ ପୁତ୍ର । ସେ ତାଙ୍କର ସଫଳତା ପାଇଁ ନିଜର କୋଚ ରାଜେଶ ଜେନା ପ୍ରେରଣା ବୋଲି କହିଛନ୍ତି। ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ବେଳେ ପ୍ରଧାନଶିକ୍ଷକ ରୁଦ୍ରନାରାୟଣ ସାମଲ, ଶାରିରୀକ କ୍ରିଡ଼ା ଶିକ୍ଷକ ସାଗର ରାଉତ, ଶିକ୍ଷକ ଗଣେଶର ସାହୁ। ଶିକ୍ଷୟତ୍ରୀ ଜୟଶ୍ରୀ ସାଇଁ, ଶୁଭସ୍ମିତା ବାରିକ, ସୁପ୍ରଭା ସାହୁ, ମୋନାଲିସା ଜେନାଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା



ଓଡ଼ାପଡ଼ା, ୨୯।୧୧ (ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧଳପୁରରେ ୧୨ତମ ବାର୍ଷିକ କ୍ରୀଡା ମହୋତ୍ସବ ଗୁରୁବାର ଓ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଅଛି। ସାମାଜିକ କର୍ମୀ ବିଶ୍ୱରଞ୍ଜନ ସାହୁ ଉଦଘାଟନ କରି ଶିଶୁଙ୍କୁ ଶାରୀରିକ ମାଧ୍ୟମରେ ଆଗକୁ ବଢ଼ିବାକୁ ମାର୍ଗଦର୍ଶନ କରିଥିଲେ। ସଭାପତି ରବିନାରାୟଣ ମିଶ୍ର, ସମ୍ପାଦକ ସନ୍ତୋଷ କୁମାର ରାଉତ ଉପସ୍ଥିତ ଥିଲେ। ଶାରୀରିକ ପ୍ରମୁଖ ଜାନକୀ ନାଏକଙ୍କ ତତ୍ତ୍ୱାବଧାନରେ ୫ଟି ବିଭାଗରେ ମୋଟ ୩୫୦ ଶିଶୁ ଭଉଣୀ ଭାଇ ଭାଗ ନେଇଥିଲେ। ସେହିପରି ଶୁକ୍ରବାର ଓଡ଼ିଶା ପ୍ରବଚକ ସଂଘ ସଭାପତି ପ୍ରତାପ କିଶୋର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଭଉଣୀଭାଇମାନଙ୍କୁ ମାର୍ଗଦର୍ଶନ ସହ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୋଲଟାଜ କମ୍ପାନୀର ସମସ୍ତ ଅଧିକାରୀଗଣ ଉପସ୍ଥିତ ରହି ଶିଶୁମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭଠାରୁ ଅଷ୍ଟମ ଶ୍ରେଣୀ ଯାଏଁ ୫ଟି ବର୍ଗରେ ବିଭକ୍ତ କରାଯାଇ ୩୫ ପ୍ରକାରର ଖେଳ କରାଯାଇଥିଲା। ସଂସ୍କାର କେନ୍ଦ୍ରର ମଧ ୧୫ ଜଣ ଶିଶୁ ଭାଇଭଉଣୀ ଭାଗ ନେଇଥିଲେ। ଆଚାର୍ଯ୍ୟ ଅମର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ସିଡିଏମ୍‌ଓଙ୍କ ଅବସର ଗ୍ରହଣ

ଢେଙ୍କାନାଳ,୩୦।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ଶନିବାର ଅବସର ଗ୍ରହଣ କରିଛନ୍ତି । ତାଙ୍କ ବଦଳରେ ଡା. ନିଳମଣୀ ଦିଲୀପଚାନ୍ଦ ବେହେରା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ରହିଛନ୍ତି । ବିଦାୟୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ୧ବର୍ଷ ୩ମାସ ଧରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ବରିଷ୍ଠରେ ଶଶାଙ୍କ ଓ ରାନୀ, କନିଷ୍ଠରେ ଓମଶ୍ରୀ ଓ ବର୍ଷା ଚାମ୍ପିୟନ

**୩୩ତମ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ**

କାମାକ୍ଷାନଗର, ୩୦।୧୧ (ସୁଧୀର କୁମାର ପରିଡା)



ଢେଙ୍କାନାଳ ଜିଲା କାମାକ୍ଷାନଗର କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ୩୩ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ାରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ୧୩ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଚ୍ଚଡିଆଁ, ଲମ୍ବଡିଆଁ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ଜାଭଲିନ ଥ୍ରୋ, ବିଭିନ୍ନ ପ୍ରକାର ଦୌଡ ଆଦି ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷକ ବାନାର୍ଜୀ ମହାନ୍ତି ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ରୋଜାଲିନ ପାଢଶାଣୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ବିଭାଗ ବାଳକରେ ଶଶାଙ୍କ ଶେଖର ପରିଡ଼ା ଓ ବାଳିକାରେ ରାନୀ ସୋରେନ, କନିଷ୍ଠ ବାଳକରେ ଓମଶ୍ରୀ ନାୟକ ଓ ବାଳିକାରେ ବର୍ଷାରାଣୀ ବେହେରା ଚାମ୍ପିୟନ ହୋଇଥିଲେ। ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ଦିପକ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ଆଇନଜୀବୀ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜଜଗନ୍ନାଥପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାୟକ, ପରିଚୟ ଫାଉଣ୍ଡେଶନର ସଭ୍ୟା ସୁନିତା ପ୍ରହରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଶିକ୍ଷକ ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରରାୟ, କବିତା ରାଉତ, ସମରେନ୍ଦ୍ର ନାୟକ, କର୍ମଚାରୀ ରବିନାରାୟଣ ରାଉତ, ଶାନ୍ତନୁ ରାଉତଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ଭାଇଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ଥାନା ନିମିତିର ଗ୍ରାମର ଭଗବାନ ବିଶ୍ୱାଳଙ୍କୁ ତାଙ୍କ ଭାଇ ମୋହନ ବିଶ୍ୱାଳ ହତ୍ୟା ଧମକ ଦେଇଥିବା ଭଗବାନ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୯୪/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଭଗବାନଙ୍କ ଘରେ ଏକ କୂଅ ରହିଥିବାବେଳେ ସମସ୍ତେ ପାଣି ବ୍ୟବହାର କରୁଛନ୍ତି। ହେଲେ ମୋହନ ସେଥିରୁ ଭଗବାନଙ୍କୁ ପାଣି ବ୍ୟବହାର କରିବା ପାଇଁ ନ ଦେବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ପାରମ୍ପରିକ ଜୀବନଶୈଳୀ, କଳା ଓ ସଂସ୍କୃତିର ଝଲକ


ଆଦିବାସୀ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

### ନାଲକୋନଗର ଆଦିବାସୀ ମେଳାରେ ବଢୁଛି ଭିଡ଼

**ଅନୁଗୋଳ.୩୦।୧୧(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ନାଲ୍‌କୋନଗର ମିନାବଜାର ପଡ଼ିଆରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ଆଦିବାସୀ ମେଳା। ୧୦ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଆଦିବାସୀଙ୍କ ପାରମ୍ପରିକ ଜୀବନ ଶୈଳୀ, କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। ରାଜ୍ୟର ୧୭ଟି ଜିଲାର ଆଦିବାସୀମାନେ ସେମାନଙ୍କ ସାମଗ୍ରୀ ଏହି ମେଳାରେ ବିକ୍ରି କରିବାକୁ ଆଣିଛନ୍ତି। ସେହିପରି ୧୨ଟି ରାଜ୍ୟର ଶିଳ୍ପୀ ସେମାନଙ୍କ କାରିଗରି ସାମଗ୍ରୀ ଏହି ମେଳାକୁ ଆଣିଛନ୍ତି। ଜନଜାତି ଓ ମହିଳା କାରିଗରଙ୍କ ଦ୍ୱାରା ତିଆରି ହସ୍ତଶିଳ୍ପ, ବସ୍ତ୍ର, ମସଲା, ହସ୍ତତନ୍ତ ଓ ଅନ୍ୟ ସାମଗ୍ରୀ ଉପଲବ୍ଧ ହେଉଛି। ହଳଦୀ, ମାଣ୍ଡିଆ, ମୁଗ, ବିରି, ଝୁଣା, ଝାଡୁ, ପାଲୁଅ ଆଦି ବିକ୍ରି କରାଯାଉଛି।

ମେଳାର ଦ୍ୱିତୀୟ ସନ୍ଧ୍ୟା ଶନିବାରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଲ୍‌କୋ ଜିଜିଏମ୍ (ସିପିସି) ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନଜାତି ଉଭଣୀଭାଇମାନେ ସେମାନଙ୍କ କଳା ସଂସ୍କୃତି ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। କୁଲାଡ଼ ସରପଞ୍ଚ ଉଷାମଣି ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦିବାସୀ ମେଳା ମାଧ୍ୟମରେ ଜନଜାତିର ଏକତା ଦୃଢୀଭୂତ ହେବାର ପରିଲକ୍ଷିତ ହେଉଛି ବୋଲି କହିଥିଲେ। ଆନିମଲ ୱେଲଫେୟାର ଟ୍ରଷ୍ଟର ସଦସ୍ୟ ରାକେଶ ରୋଶନ ଦାସ, ସାମାଜିକକର୍ମୀ ଚନ୍ଦନ ମହାନ୍ତି, ଭାଜପା ଆଦିବାସୀ ମୋର୍ଚ୍ଚାର ଜିଲା ସଭାପତି ଅର୍ଜୁନ କିସ୍କୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଳାର ଉଦ୍ଦେଶ୍ୟ କହିବା ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ୪ଟି ଅନ୍ତରାଜ୍ୟ ଦଳର କଳାକାର ଆଦିବାସୀ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

# ଏନ୍‌ଟିପିସିକୁ ସମ୍ମାନଜନକ ପ୍ଲାଟିନମ ପୁରସ୍କାର

**ତାଳଚେର,୩୦।୧୧ (ମନୋଜ ନନ୍ଦ)**

ସିଆଇଆଇ ଇଏକ୍ସଆଇଏମ୍ ବ୍ୟାଙ୍କ ବିଜ୍‌ନେସ ଏକ୍ସଲେନ୍ସ ଆୱାର୍ଡ ୨୦୨୪ କାର୍ଯ୍ୟକ୍ରମ ଅବସରରେ ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସିକୁ ସମ୍ମାନଜନକ ପ୍ଲାଟିନମ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୨୭ ତାରିଖରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ୩୨ତମ କନ୍‌ଫେ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ଉତ୍କର୍ଷ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ଏନ୍‌ଟିପିସି ପ୍ରକଳ୍ପର ଅତୁଳନୀୟ ପ୍ରଦର୍ଶନକୁ ସୂଚାଇବା ସହ ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ପ୍ରୟାସ ଏବଂ ଉତ୍କର୍ଷର ଉଦାହରଣ ଦେଉଛି। ସିଆଇଆଇ ଇଏକ୍ସଆଇଏମ୍ ବ୍ୟାଙ୍କ ବ୍ୟବସାୟିକ ମୂଲ୍ୟାଙ୍କନ ଉପରେ ଆଧାର କରି ଏହା ସର୍ବଭାରତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ୟୁଏଫ୍‌କ୍ୟୁଏମ୍ ଉତ୍କର୍ଷ ମଡେଲକୁ ବ୍ୟବହାର କରିଥାଏ। କାରଖାନାର ସାମୂହିକ ପ୍ରୟାସ ଏବଂ ଅତୁଳନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ଏନ୍‌ଟିପିସି ତାଳଚେର କଣିହାଁଙ୍କ ବିଜିନେସ୍ ୟୁନିଟ ହେଡ ଏ.କେ. ସେହଗଲଙ୍କୁ ଏହି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ନିରନ୍ତର ନିଷ୍ଠା, ପରିଶ୍ରମ ଏବଂ ସହଯୋଗ ପାଇଁ ୟୁନିଅନ ଓ ଆସୋସିଏଶନ ନିମନ୍ତେ ସେହଗଲ ସମସ୍ତ କର୍ମଜୀବୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଏନ୍‌ଟିପିସି ତାଳଚେର କଣିହାଁ ଗତିଶୀଳ ନେତୃତ୍ୱ ଦ୍ୱାରା ଯେଉଁ ପ୍ରମୁଖ ଭୂମିକା ଗ୍ରହଣ କରିଛି ତାହାକୁ ସେ ସ୍ୱୀକାର କରିବା ସହ ଏହାର ଦୃଷ୍ଟିକୋଣ ଏବଂ ମାର୍ଗଦର୍ଶନ ସକାଶେ ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି ବୋଲି ପ୍ରକାଶ କରିଛନ୍ତି।



କଣିହାଁସ୍ଥିତ ଏନ୍‌ଟିପିସିକୁ ସମ୍ମାନଜନକ ପ୍ଲାଟିନମ ପୁରସ୍କାର ପ୍ରଦାନ କରାଯାଉଛି।

# ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

**ଅନୁଗୋଳ,୩୦।୧୧(ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ସୌଭାଗ୍ୟନଗରରେ ଜନକଲ୍ୟାଣ ସମିତି ପକ୍ଷରୁ ଶନିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୮୧ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଡା. ସୁନୀଲ କୁମାର ପ୍ରଧାନ ଓ ଡା. ମଧୁସ୍ମିତା ଜେନା ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ଜାଗ୍ରତ କୁମାର ସାହୁ ସହଯୋଗ କରିଥିଲେ। ଜନ କଲ୍ୟାଣ ସମିତି ସଭାପତି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବସନ୍ତ କୁମାର ମାଝିଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ସିଂଦେଓ, ସୁରେନ୍ଦ୍ର ଦାସ, ପ୍ରଦୀପ କୁମାର ଦାସ, ରମେଶ ଚନ୍ଦ୍ର ସାହୁ, ଭାସ୍କର ବାହାଦୁର, ହୃଦାନନ୍ଦ ପଣ୍ଡା, ଧନେଶ୍ୱର ସାହୁ, ନୀଳକଣ୍ଠ ସାହୁ, ଚିତ୍ରସେନ ପତି ଓ ରବିନ ବାରିକଙ୍କ ସହିତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



ଶିବିରରେ ରୋଗୀଙ୍କ ଚିକିତ୍ସା କରାଯାଉଛି।

# ୨୦୦ ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ


ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ବାର୍ଷିକ ପ୍ରଦର୍ଶନୀ ଅବସରରେ ଅତିଥିମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖୁଛନ୍ତି।

**ଅନୁଗୋଳ,୩୦।୧୧(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ 'ଏକ୍ସପ୍ଲୋରେଟୋରିୟମ୍' ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବିଜ୍ଞାନ, ଗଣିତ, ସାହିତ୍ୟ, ସାମାଜିକ ବିଜ୍ଞାନ ଭଳି ବିଷୟ ସମେତ କଳା, କ୍ରୀଡ଼ା ଏବଂ ରଙ୍ଗୋଲି ଭଳି ପ୍ରାୟ ୨୦୦ ଅଭିନବ ତଥା ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ଏବଂ ବିଭାଗୀୟ ମୁଖ୍ୟଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ଏହି ପ୍ରକଳ୍ପଗୁଡ଼ିକ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଡ. ଅଶ୍ୱିନୀ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଭାରତନାଟ୍ୟମ୍, ଶିବ ତାଣ୍ଡବ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜେଏସ୍‌ପି ଅନୁଗୋଳ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଜେଏସ୍‌ପି ଜେନେରାଲ ମ୍ୟାନେଜର (ଏଚ୍‌ଆର୍ ଆଣ୍ଡ ଇଏସ୍) ଶରତ କିଶୋର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ କଠିନ ପରିଶ୍ରମ ଏବଂ ସୃଜନଶୀଳତା ପାଇଁ ପ୍ରଶଂସା କରିଥିଲେ। ସ୍କୁଲ ଉପାଧ୍ୟକ୍ଷ ଡ. ଅରୁଣା କୁମାର ଦାଶଙ୍କ ସହିତ ଅତିଥିମାନେ ପ୍ରଦର୍ଶିତ ହୋଇଥିବା ଷ୍ଟଲଗୁଡ଼ିକୁ ପରିଦର୍ଶନ କରିଥିଲେ। ଶେଷରେ ବିଜେତାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥିମାନେ ଓପିଜେଏସ୍‌ଏର ଯୁବ ଲେଖକମାନଙ୍କୁ ସମ୍ମାନିତ କରିଥିଲେ।

# ଲାବ ଟେକ୍ନିସିଆନଙ୍କ ଅବସର

**ଅନୁଗୋଳ.୩୦।୧୧(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘଦିନ ରହି ନିରନ୍ତର ଭାବରେ ଲୋକମାନଙ୍କୁ ସେବା ଯୋଗାଇ ଦେଇ ଆସୁଥିବା ବରିଷ୍ଠ ଲାବ ଟେକ୍ନିସିଆନ ଶ୍ରୀକାନ୍ତ ବେହେରା ଶନିବାର ଅବସର ନେଇଛନ୍ତି। ଏହି ପରିପେକ୍ଷୀରେ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ଟେକ୍ନିସିଆନମାନେ ମିଳିତ ଭାବରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ଏହି ସଭାରେ ଡା. ମାନସ ରଞ୍ଜନ ବିଶ୍ୱାଳ, ଡା. ଅର୍ଦ୍ଧେନ୍ଦୁ ଭୂଷଣ ପ୍ରହରାଜ, ଡା. ରତି ରଞ୍ଜନ ସାହୁଙ୍କ ସମେତ ଟେକ୍ନିସିଆନ ମାନସ ରଞ୍ଜନ ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ଲଳିତ ବେହେରା ପ୍ରମୁଖ ଉପସ୍ଥିତ ରହି ବେହେରାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ସମୟରେ ଅବସର ନେଉଥିବା ଟେକ୍ନିସିଆନ ବେହେରା ସହକର୍ମୀ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ।



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିଗଣ।

# ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ



**ପରଜଙ୍ଗ, ୩୦।୧୧(ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ବ୍ଲକ ପିତିରୀ ଗ୍ରାମର ପଞ୍ଚାୟତିରାଜ ଉଚ୍ଚବିଦ୍ୟାଳୟର ସାହିତ୍ୟ ଶିକ୍ଷୟିତ୍ରୀ ସୁଧାବାଳା ରଥଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ୧୯୯୭ରୁ ୨୦୨୪ ପର୍ଯ୍ୟନ୍ତ ଶିକ୍ଷକତା କରୁଥିଲେ। ସେ ଜଣେ ଆର୍ଦଶ ଶିକ୍ଷୟିତ୍ରୀ, ସୁବକ୍ତା, ପ୍ରକୃତିପ୍ରେମୀ ଥିଲେ। ଏହି ଅବସରରେ ଏକ ସମାରୋହ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ତ୍ରିଲୋଚନ ଭୁତିଆ ଏବଂ ମୁଖ୍ୟବକ୍ତା ଭାବେ କୁଆଳୋ ଅଷ୍ଟଶମ୍ଭୁ ବିଦ୍ୟା ନିକେତନର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନାୟକ ଉପସ୍ଥିତ ରହି ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପିତିରୀ ସରପଞ୍ଚ ଅଶୋକ କୁମାର ବର୍ମା, ଓସ୍ତା କାର୍ଯ୍ୟକାରୀ ଜିଲା ସଭାପତି ପିତାମ୍ବର ଦାସ, ବିଭୂତି ସ୍ୱାଇଁ, ଗଙ୍ଗାଧର ରାଉତ, କରୁଣାକର ବେହେରା ପ୍ରଭୃତି ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ପିତିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅମୂଲ୍ୟ କୁମାର ନାୟକ।

# ଏନ୍‌ଟିପିସି ନନା ୱାରିଅର୍ସ ଚାମ୍ପିୟନ

**ଡେରଙ୍ଗ/ ପବିତ୍ରନଗର,୩୦।୧୧ (ନିରୋଜ ପ୍ରଧାନ)**

କଣିହାଁସ୍ଥିତ ଜରଡାଠାରେ ରାଧାକ୍ରିଷ୍ଣା କ୍ରିକେଟ କ୍ଲବ ତରଫରୁ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ହାଣ୍ଡିଧୁଆଁକୁ ହରାଇ ନନା ୱାରିଅର୍ସ ଟିମ୍ ଚାମ୍ପିୟନ ହୋଇଛି। ୩ଟି ଫାଇନାଲ ମଧ୍ୟରୁ ୨ଟି ମ୍ୟାଚରେ ବିଜୟୀ ହେବା ସହ ନନା ୱାରିଅର୍ସ ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ସିରିଜି ଲକି ଦାସ, ସିଡୁ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅତିଥି ଭାବେ ଗ୍ରାମ ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ଦେହୁରୀ, ଶିକ୍ଷାବିତ୍ ମଛିନ୍ଦ୍ର ସାହୁ, କଣିହାଁ ଖଣି ଅଧିକାରୀ ଏମ.କେ ମୀନା, ଶ୍ରମିକ ନେତା ଅଭୟ ସାହୁ, ପ୍ରାକ୍ତନ ସରପଞ୍ଚ ଯତୀନ୍ଦ୍ର ସାହୁ, ଗ୍ରାମର ପୂର୍ବତନ ସଭାପତି ସରୋଜ ସାହୁ, ପ୍ରାକ୍ତନ ସମିତି ସଭ୍ୟଅକ୍ଷୟ କୁମାର ସାମଲ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରାଧାକ୍ରିଷ୍ଣା କ୍ଲବ ସଦସ୍ୟ ତୁଷାର ବେହେରା, ବିକାଶ ସାହୁ, ରଣଜିତ ଦେହୁରୀ, ଶୋଭିତି ସାହୁ, ସୂର୍ଯ୍ୟକାନ୍ତ ସାହୁ, ବିକାସ ବେହେରା, ଦିବେନ ଦେହୁରୀ, ଦିପୁନ ସାହୁ, ସନ୍ଦୀପ ବେହେରା, ବିଭୁ ରଞ୍ଜନ ଦେହୁରୀ, ସୌମ୍ୟ ରଞ୍ଜନ ବେହେରା, ସୁଜନ ସାହୁ, ଅଜିତ ସାହୁ, ପ୍ରଶାନ୍ତ ଦେହୁରୀ, ରୋହିତ ସାହୁ, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଅଭିଭାବକ, ଶିକ୍ଷକ ଓ ପରିଚାଳନା କମିଟି ବୈଠକ

**ଭୁବନ, ୩୦।୧୧(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟିକୁ ନେଇ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ସେଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିପିନ ବିହାରୀ ସେଠୀଙ୍କ ଅଧକ୍ଷତାରେ ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେଥିରେ ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ସାହୁ ଓ ଶ୍ରୀବସ୍ତ କୁମାର ସାହୁ ସରକାରଙ୍କ ପକ୍ଷରୁ ହୋଇଥିବା ଆପାର ଆଇଡି ସମ୍ପର୍କରେ ଆଲୋଚନା କରିବା ସହିତ ବିଦ୍ୟାଳୟର ଶିକ୍ଷାର ଅଗ୍ରଗତି ଓ ଛାତ୍ରୀଛାତ୍ରମାନଙ୍କ ସହିତ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ କିପରି ସମ୍ପର୍କ ସ୍ଥାପନ କଲେ ଶିକ୍ଷାର ମାନ ବୃଦ୍ଧି ପାଇବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଅର୍ଦ୍ଧ ବାର୍ଷିକ ପରୀକ୍ଷାର ପ୍ରଗତି ପତ୍ର ଉପରେ ଆଲୋଚନା କରାଯାଇଥିଲା। ସେଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ଉପସ୍ଥିତ ରହି ଶିକ୍ଷାଦାନ ଉପରେ ମାର୍ଗଦର୍ଶନ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରଜିତ କିଶୋର ସାହୁ କାର୍ଯକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



# ଖୋଖୋ ଚାମ୍ପିୟନଶିପ୍‌ରେ ଢେଙ୍କାନାଳର ୩ ଖେଳାଳି

**ଢେଙ୍କାନାଳ,୩୦।୧୧(ରତନ ନାୟାର)**

ଉତ୍ତରପ୍ରଦେଶର ଆଲିଗଡ଼ଠାରେ ଅନୁଷ୍ଠିତ ହୋଇଥିବା ୪୩ତମ ଜୁନିୟର ଖୋଖୋ ଚାମ୍ପିଆନ୍‌ସିପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଓଡିଶା ଉଭୟ ବାଳକ ଓ ବାଳିକା ଦଳ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ଓଡ଼ିଶା ଦଳରେ ଢେଙ୍କାନାଳ ଓଡ଼ାପଡ଼ା ବ୍ଲକ୍ କାଣ୍ଡବିନ୍ଧା ଗ୍ରାମର କୁନା ବେହେରା, ଅଭିଜିତ୍ ସାହୁ ଏବଂ ଆୟୁଷ ସାହୁ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ । ଏହି ୩ଜଣ ଖେଳାଳି ସତ୍ୟରଞ୍ଜନ ସ୍ପୋର୍ଟସ୍ ଏକାଡେମୀର କୋଚ୍ ରଞ୍ଜନ କୁମାର ସାହୁଙ୍କ ଅଧିନରେ ଖୋଖୋ ପ୍ରଶିକ୍ଷଣ ନେଉଥିଲେ। ଏକାଡେମୀର ସଭାପତି ସତ୍ୟବାନ ପାତ୍ର, ସାଧାରଣ ସଂପାଦକ ରଞ୍ଜନ ସାହୁ ସମସ୍ତ ଖେଳାଳି ତଥା ଜିଲାର ଏହି ଖେଳାଳିଙ୍କୁ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।



# ଅଧରାତିରେ କାର୍‌ରେ ପିଲାଙ୍କ ଚାଉଳ ଚାଲାଣ

### ତଦନ୍ତ କରାଯିବ କହିଲେ ଜିଲା ଶିକ୍ଷା ଅଧିକାରୀ

**ଅନୁଗୋଳ,୩୦।୧୧ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଅଞ୍ଚଳରେ ଥିବା ବାଗଡ଼ିଆ ଉଚ୍ଚ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ୨ ବସ୍ତା ଚାଉଳ ଏକ ଇନୋଭା କାର୍‌ରେ ଅନ୍ୟତ୍ର ଚାଲାଣ କରାଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ ଦାୟିତ୍ୱରେ ଥିବା ବ୍ୟକ୍ତି ଏହା ଅନ୍ୟ ଏକ ସ୍କୁଲକୁ ନିଆଯାଉଥିବା କହିଥିଲେ ହେଁ ତାହା ସାଧାରଣରେ ବିଶ୍ୱାସଯୋଗ୍ୟ ହୋଇପାରି ନାହିଁ। ଖବରପାଇ ଘଟଣାସ୍ଥଳକୁ ପୋଲିସ ଆସିଥିବା ବେଳେ ଜିଲା ଶିକ୍ଷା ଅଧିକାରୀ ଏହାର ତଦନ୍ତ କରାଯିବ ବୋଲି ଶନିବାର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ରାତି ୧୧ଟା ବେଳେ ଆସିଥିବା ଚାଉଳ ବୋଝେଇ ଟ୍ରକ୍‌ରୁ ମଧ୍ୟାହ୍ନ ଭୋଜନ ଚାଉଳ ଅନ୍‌ଲୋଡ୍ କରାଯାଉଥିଲା। ଏହି ସମୟରେ ସେଠାକୁ ଆସିଥିବା ଏକ ଇନୋଭା କାର୍ କିଛି ସମୟ ମଧ୍ୟରେ ୨ ବସ୍ତା ଚାଉଳ ନେଇ ସ୍କୁଲ ପରିସରରୁ ବାହାରି ଯାଉଥିଲା। ଗାଡ଼ିରେ ଚାଳକଙ୍କୁ ମିଶାଇ ୪ ଜଣ ଥିବାବେଳେ ପିଲାଙ୍କ ଚାଉଳ ନିଆଯିବା ଦେଖି ସେଠାରେ ଥିବା ସାଧାରଣ ଲୋକେ ସନ୍ଦେହ କରିଥିଲେ। ଫଳରେ ସେମାନେ ଗାଡ଼ିଟିକୁ ସ୍କୁଲ ଗେଟ୍ ସମ୍ମୁଖରେ ଅଟକାଇ ପଚରାଉଚରା କରିଥିଲେ। କାର୍ ଚାଳକ ଗାଡ଼ିରୁ ଓହ୍ଲାଇ 'ଚାଉଳ ଖାଲି କରିଦେଉଛୁ, ଏ କଥା କାହାକୁ କୁହନ୍ତୁ ନାହିଁ' ବୋଲି କହି ସ୍କୁଲ ପରିସରକୁ ଚାଲିଯାଇଥିଲେ। ତାଙ୍କ ସହିତ ଗାଡ଼ିରେ ଥିବା ଅନ୍ୟବ୍ୟକ୍ତିମାନେ ମଧ୍ୟ ସ୍କୁଲ ଭିତରକୁ ଯାଇଥିଲେ। ପ୍ରାୟ ୧ ଘଣ୍ଟା ପରେ ସେମାନେ ଆସିବା ସହ ଛେଣ୍ଡିପଦା ବାଳିକା ପ୍ରାଥମିକ ବିଦ୍ୟାଳୟକୁ ଚାଉଳ ନିଆଯାଉଥିବା କହିଥିଲେ। ହେଲେ ଏଥିରେ ବିଶ୍ୱାସ ନ କରି ଲୋକମାନେ ବାଗଡ଼ିଆ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ନିୟମ ସମ୍ପର୍କରେ ବୁଝିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହି ଇନୋଭା କାର୍‌କୁ ଛାଡ଼ି ଦେଇଥିଲା। ଏ ସମ୍ପର୍କରେ ମଧ୍ୟାହ୍ନ ଭୋଜନ ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ହାଡିବନ୍ଧୁ ସାଏ କହିଛନ୍ତି, ଛେଣ୍ଡିପଦା ବାଳିକା ପ୍ରାଥମିକ ବିଦ୍ୟାଳୟରେ ଶନିବାର ରୋଷେଇ ପାଇଁ ଚାଉଳ ନ ଥିବାରୁ କାର୍‌ରେ ସେଠାକୁ ଚାଉଳ ପଠାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ କହିଛନ୍ତି, ରାତିରେ କାର୍‌ରେ ମଧ୍ୟାହ୍ନ ଭୋଜନ ଚାଉଳ ପଠାଯିବା ସମ୍ପର୍କରେ ତଦନ୍ତ କରାଯିବ। ସୂଚନାଯୋଗ୍ୟ, କିଛି ମାସ ପୂର୍ବରୁ ଛେଣ୍ଡିପଦା ବ୍ଲକରେ ଚାଉଳ ବଣ୍ଟନରେ ଦୁର୍ନୀତି ଅଭିଯୋଗରେ ଜଣେ ଏବିଓଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଶୁକ୍ରବାର ରାତିରେ ଇନୋଭାରେ ଚାଉଳ ଚାଲାଣ କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।


କାର୍ ଭିତରେ ୨ ବସ୍ତା ଚାଉଳ ରଖାଯାଇଛି।

